# ସେପ୍ଟେମ୍ବର ମାସ ପାଇଁ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ।

OPPO Reno7 5G
DIPRO ANGL | 2023.09.02 14:46

ଅନୁଗୋଳ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କର ସେପ୍ଟେମ୍ବର ମାସ ପାଇଁ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏଥିରେ ଜିଲ୍ଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେବେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ମାସ ୪ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ତାଳଚେର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ୧୧ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଜିଲ୍ଲା କାର୍ଯ୍ୟାଳୟ, ୧୮ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ଓ ୨୫ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗ ଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଉଛି ।

କୌଣସି ଅଞ୍ଚଳବାସୀଙ୍କର ଯଦି କିଛି ସମସ୍ୟା ବା ଅଭିଯୋଗ ଥାଏ ତେବେ ସେ ପ୍ରଥମେ ସମ୍ପୃକ୍ତ ସ୍ଥାନୀୟ ଅଧିକାରୀଙ୍କ ନିକଟରେ ସମାଧାନ ପାଇଁ ଆବେଦନ କରିବାକୁ ଜଣାଇଦିଆଯାଉଛି । କୌଣସି ବ୍ୟକ୍ତି ପ୍ରଥମ କରି ସିଧାସଳଖ ଭାବେ ମିଳିତ ଜନଶୁଣାଣି ଶିବିରକୁ ଆସି ଆପତ୍ତି ଅଭିଯୋଗ ନ କରିବାକୁ ମଧ୍ୟ ଜଣାଇଦିଆଯାଉଛି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା-୫୮୯ ତା.୦୨.୦୯.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

କୈଳାଶ ବେହେରା 2/09/23

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ